## ସଂକ୍ଷେପରେ

### ଅଟୋ ଦୁର୍ଘଟଣାଗ୍ରସ୍ତ, ୬ ଆହତ



ବୁଗୁଡ଼ା,୩୧୯(ଡି.ଏନ.ଏ)-ବୁଗୁଡ଼ା ଥାନା ଅନ୍ତର୍ଗତ କରସିଙ୍ଗି-ବୁଗୁଡ଼ା ମୁଖ୍ୟ ସଡ଼କ ନୂଆଗାଁ ଛକରେ ଗୁରୁବାର ଖମ୍ବକୁ ଧକ୍କାଦେଇ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ଚାଳକ ଯୋଗେଶ କୁମାର ପୃଷ୍ଟି ଗୁରୁତର ହୋଇଥିବା ଜଣାପଡ଼ିଛି। ଶରଣକୁଳ ଥାନା ଅନ୍ତର୍ଗତ ଆଙ୍ଗିସିଙ୍ଗି ଗ୍ରାମରୁ ଏକ ଶିଶୁ ସମେତ ୨ ମହିଳା ଓ ୨ ପୁରୁଷ ଅଟୋରେ ପୋଲସରା ଥାନା ଅନ୍ତର୍ଗତ ବର୍ତ୍ତିନୀ ଗ୍ରାମକୁ ଯାଉଥିଲେ। ନୂଆଗାଁ ଛକରେ ଅଟୋଟି ଭାରସାମ୍ୟ ହରାଇ ଏକ ଖମ୍ବରେ ପିଟି ହୋଇଥିଲା। ଫଳରେ ସେଥିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ପଥର ବୋଝେଇ ଟ୍ରାକ୍ଟର ଜବତ

ଶେରଗଡ଼,୩୧୯(ଡି.ଏନ.ଏ.)-ଶେରଗଡ ତହସିଲ ପକ୍ଷରୁ ଗୁରୁବାର ବେଆଇନ ପଥର ବୋଝେଇ ଏକ ଟ୍ରାକ୍ଟର ଜବତ କରାଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୫,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ବେଆଇନ ପଥର ଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ଚଢ଼ାଉ କରିଥିଲେ। ଜରିମାନା ଆଦାୟ ପରେ ଟ୍ରାକ୍ଟରମାଲିକଙ୍କୁ ତାଗିଦ୍ କରି ଛାଡ଼ି ଦିଆଯାଇଛି।

### ପୋଖରୀ ଲିଜ୍‌କୁ ନେଇ ୨ ଗୋଷ୍ଠୀ ମାର୍‌ପିଟ

ପାତ୍ରପୁର,୩୧୯(ଡି.ଏନ୍.ଏ.)- ଜରଡ଼ା ଥାନା ସପଙ୍ଗ ଗ୍ରାମରେ ପୋଖରୀ ଲିଜ୍‌କୁ ନେଇ ବୁଧବାର ରାତିରେ ଗ୍ରାମ ସଭା ଚାଲିଥିବା ବେଳେ ୨ ଗୋଷ୍ଠୀ ମାର୍‌ପିଟ ହୋଇଛନ୍ତି। ସଭା ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀର ଅଲେଖ କନ୍ୟାରୀକୁ ଅନ୍ୟ ଗୋଷ୍ଠୀର ୭ ଜଣ ବ୍ୟକ୍ତି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳେ ଅଲେଖଙ୍କ ପରିବାରର ଜଣଙ୍କୁ ମଧ ପୋଖରୀ ନିକଟରେ ଅଟକାଇ ଗାଳି ଗୁଲଜ କରାଯାଇଥିବା ନେଇ ଜରଡ଼ା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ତଦନ୍ତ ଚାଲିଥିବା ଜରଡ଼ା ଥାନା ପୋଲିସ କହିଛି ।

### ଡାକ୍ତର ନଳିନୀ ତ୍ରିପାଠୀଙ୍କ ପରଲୋକ



ଭଞ୍ଜନଗର,୩୧୯(ଡି.ଏନ.ଏ)-ଭଞ୍ଜନଗର ଅଞ୍ଚଳର ଜଣାଶୁଣା ଚିକିତ୍ସକ ତଥା ଠାକୁରାଣୀ ଯାତ୍ରା କମିଟି ସଭାପତି ଡାକ୍ତର ନଳିନୀ କାନ୍ତ ତ୍ରିପାଠୀ (୭୯)ଙ୍କର ଗୁରୁବାର ନିଜ ବାସଭବନରେ ପରଲୋକ ଘଟିଛି। ଖବରପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି । ସେ ବିଗତ ୨ଦିନ ହେଲା ଅସୁସ୍ଥ ଥିଲେ। ତେଣୁ ସେ ନିଜ କ୍ଲିନିକ୍‌ରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ଅଞ୍ଚଳର ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଥିଲେ। ୫୦ ବର୍ଷ ପୂର୍ବେ ସରକାରୀ ଚାକିରି ନ କରି ଖାଲାସିସାହିସ୍ଥିତ ନିଜ ବାସଭବନରେ ଘରୋଇ କ୍ଲିନିକ୍ କରିଥିଲେ ।

### ମଦ ଭାଟିରେ ଚଢ଼ାଉ, ୨୬୦ ଲିଟର ମଦ ଜବତ

ଜି.ଉଦୟଗିରି,୩୧୯(ଡି.ଏନ.ଏ)- ଜି.ଉଦୟଗିରି ପୋଲିସ ଗୁରୁବାର ପାଜିମହାରେ ଏକ ମଦଭାଟି ଉପରେ ଚଢ଼ାଉ କରି ୨୦୦ କେଜି ମହୁଲ ପୋଚ ନଷ୍ଟ କରିବା ସହ ମଦ ତିଆରିରେ ବ୍ୟବହୃତ ଅନେକ ସରଞ୍ଜାମ ଓ ୨୬୦ ଲିଟର ମଦ ଜବତ କରିଛି। ବେନିୟମ ଭାବେ ମଦ ରଖିଥିବା ଯୋଗୁ ଜି.ଉଦୟଗିରି ସହରର ପଞ୍ଚୁ ସାହୁ ନାମକ ଜଣେ ଯୁବକକୁ ଗିରଫ କରିଛି ବୋଲି ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ନଂ. ୭୦/୨୦ ରେ ମାମଲା ରୁଜୁ କରାଯାଇଛି ବୋଲି କହିଛନ୍ତି।

# କରୋନା ହାରିବ, ଆମେ ଜିତିବା

ଛତ୍ରପୁର,୩୧୯(ଡି.ଏନ.ଏ.)



ଜିଲାପାଳ ଆଲୋଚନା କରୁଛନ୍ତି।

- ଜିଲାପାଳ ଦେଲେ ଗୁରୁମନ୍ତ୍ର
- ୮ ବ୍ଲକରେ ମାରାଥନ ବୈଠକ
- ୩୦ ହଜାର କୋଭିଡ୍ ସାଥୀ ଚୟନ ହେବେ

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ କମୁଛି। ତଥାପି ସମସ୍ତେ ଆହୁରି ସଚେତନ ଓ ସତର୍କତା ଅବଲମ୍ବନ କରିବା ଜରୁରୀ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ଗୁରୁବାର ଜିଲାପାଳ ଛତ୍ରପୁର, ଗଞ୍ଜାମ, ବେଗୁନିଆପଡ଼ା, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୋଲସରା, ପୁରୁଷୋତ୍ତମପୁର ଓ ହିଞ୍ଜିଳିକାଟୁ ବ୍ଲକକୁ ଯାଇ ସମସ୍ତ ପଞ୍ଚାୟତ ପ୍ରତିନିଧି, ଅଧିକାରୀ ଏବଂ କୋଭିଡ୍ ମନିଟରମାନଙ୍କ ସହ କୋଭିଡ୍ ପରିଚାଳନା ନେଇ ଆଲୋଚନା କରିଛନ୍ତି। ଜିଲାରେ କରୋନା ହାରିବ, ଆମେ ଜିତିବା ବୋଲି ଜିଲାପାଳ ଦୃଢୋକ୍ତି ପ୍ରକାଶ କରିବା ସହ ଏହି ଗୁରୁମନ୍ତ୍ର ଦେଇଛନ୍ତି। କରୋନା ସ୍ଥିତି, ସାମ୍ପ୍ରତିକ ସମସ୍ୟା ଏବଂ ପଞ୍ଚାୟତରେ ଏହି ମହାମାରୀକୁ କିଭଳି ନିପାତ କରିହେବ ସେ ସମ୍ପର୍କରେ ଜିଲାପାଳ ଅବଗତ କରାଇଥିଲେ। କରୋନା ନେଇ ଲୋକଙ୍କୁ ବାରମ୍ବାର ସଚେତନ କରାଇବାକୁ ହେବ। ଯଦି ଲୋକେ ସଚେତନ ହୋଇଗଲେ ତେବେ କରୋନା ପରାସ୍ତ ହେଲା ବୋଲି ବୁଝିବାକୁ ପଡିବ। କରୋନା ସମ୍ପର୍କିତ କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତର ପାଖକୁ ନେବାକୁ ପଡିବ। ଏଦିଗରେ କୋଭିଡ ମନିଟର ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହାସହିତ ସମସ୍ତ ପଞ୍ଚାୟତ ପ୍ରତିନିଧିମାନେ ଦୀର୍ଘ ୬ମାସ ଧରି ଲୋକଙ୍କ ସୁରକ୍ଷା ନିମନ୍ତେ ନିଜ ନିଜ ପଞ୍ଚାୟତରେ ଠିକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତେଣୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଛି । ଏଥିପାଇଁ ଜିଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ତାଙ୍କ ପୂର୍ବରୁ ମୁଖ୍ୟମନ୍ତ୍ରୀ ମଧ ସମସ୍ତଙ୍କୁ ପ୍ରଶଂସା ସହ ଧନ୍ୟବାଦ୍ ଜଣାଇ ସାରିଛନ୍ତି ବୋଲି ଜିଲାପାଳ କହିଥିଲେ । କେହି ଦୋକାନୀ ଯଦି ପଞ୍ଚସୂତ୍ର ନିୟମ ପାଳନ ନ କରୁଛନ୍ତି, ସେହି ଦୋକାନକୁ କେହି ନ ଯିବା ନିମନ୍ତେ ଜିଲାପାଳ କହିଥିଲେ। ପୁଣିଥରେ ଗାଁକୁ ଗାଁକୁ ବୁଲି ଅଙ୍ଗନୱାଡି କର୍ମୀ ଏବଂ ଶିକ୍ଷକ /ଶିକ୍ଷୟିତ୍ରୀ ମାନଙ୍କ ସହ ଟିମ ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବେ । ଜିଲାରେ କୋଭିଡ ସାଥୀଙ୍କୁ ତାଲିମ ପ୍ରଦାନ କରାଯିବ। ଗୋଟିଏ ସ୍ୱୟଂ ସହାୟିକ ମହିଳା ଗୋଷ୍ଠୀରୁ ଜଣେ ଲେଖାଏ କୋଭିଡ ସାଥୀ ଚୟନ କରାଯିବ । ସେମାନେ ମହିଳା ଗୋଷ୍ଠୀ ମାନଙ୍କ ପରିବାର ଉପରେ ନଜର ରଖିବେ। ଯେଉଁମାନଙ୍କ ଲକ୍ଷଣ ଦେଖାଯିବ ସେମାନେ ତୁରନ୍ତ ଉପରସ୍ଥ ଅଧିକାରୀମାନଙ୍କୁ ସୂଚନା ଦେବେ। ଏଥିସହ କୋଭିଡ୍ ସାଥୀମାନେ ସାମାଜିକ ଦୂରତା ଏବଂ କୋଭିଡ ନିୟମ ଉପରେ ଫୋକସ ରଖିବେ । ଜିଲାରେ ୩୦ହଜାର ସ୍ୱୟଂ ସହାୟିକା ଗୋଷ୍ଠୀ ସକ୍ରିୟ ଅଛନ୍ତି । ୩୦ହଜାର କୋଭିଡ ସାଥୀ ଚୟନ କରାଯାଇ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ଫଳରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପରେ ନଜର ରହିବ । ଚାଷୀଙ୍କ ନିକଟରେ କିପରି ସହଜରେ ସାର ପହଞ୍ଚି ପାରିବ ସେଥିପ୍ରତି ତହସିଲଦାରମାନେ ନଜର ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପୂର୍ବାହ୍ନରେ ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଂଜନ ପୃଷ୍ଟି, ଛତ୍ରପୁର ବ୍ଲକ ଅଧକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ବିଡିଓ ଅମ୍ବିକା ପ୍ରସାଦ ଦାଶ, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନ୍ତୋଷିନୀ ସେଠୀ, ଜିଲା ପରିଷଦ ସଭ୍ୟ ଏସ.କିଶୋର ରେଡ୍ଡୀ ଓ ପ୍ରମୋଦ କୁମାର ପ୍ରଧାନଙ୍କ ସମେତ ଛତ୍ରପୁର ବ୍ଲକର ସମସ୍ତ ପଞ୍ଚାୟତ ପ୍ରତିନିଧି ଏବଂ କୋଭିଡ ମନିଟରମାନେ ଉପସ୍ଥିତ ଥିଲେ ।

# ଜେଇଇ ପରୀକ୍ଷାର୍ଥୀଙ୍କ ପାଇଁ ସହାୟତା କେନ୍ଦ୍ର

ବ୍ରହ୍ମପୁର ଅଫିସ,୩୧୯

ଜେଇଇ ମେନ୍ ପରୀକ୍ଷା ମଙ୍ଗଳବାରରୁ ଆରମ୍ଭ ହୋଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହାୟତା ପାଇଁ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ବ୍ରହ୍ମପୁର ଶାଖା ପକ୍ଷରୁ ସହାୟତା କେନ୍ଦ୍ର ଗୁରୁବାରରୁ ଖୋଲିଛି। ଖଲ୍ଲିକୋଟ କଲେଜ ନିକଟରେ ଖୋଲାଯାଇଥିବା ଏହି ସହାୟତା କେନ୍ଦ୍ର ଜରିଆରେ ଜେଇଇ ମେନ୍ ପରୀକ୍ଷା ଦେବାକୁ ଅସୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଉପରେ ଥିବା ସନ୍ଦେହ ଦୂର କରାଯାଉଥିବା ନେଇ ଏବିଭିପି ପକ୍ଷରୁ କୁହାଯାଇଛି। ଏଥିସହ ଉକ୍ତ କେନ୍ଦ୍ରରେ ଏବିଭିପି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସାନିଟାଇଜର, ପାଣି ବୋତଲ, ପେନ୍ ଆଦି ପ୍ରଦାନ କରାଯାଉଥିବା ଏବିଭିପି ପକ୍ଷରୁ ସୂଚାଯାଇଛି । ଏହି କାର୍ଯ୍ୟକ୍ରମରେ ଏବିଭିପିର ରାଜ୍ୟ ଉପସଭାପତି ଶିବ ପ୍ରସାଦ ପାଢୀ, ସମ୍ପାଦକ ଶଶୀକାନ୍ତ ମିଶ୍ର, ନଗର ସମ୍ପାଦକ ଚନ୍ଦ୍ରୟାନନ୍ଦ ପଟ୍ଟନାୟକ, ବିଶ୍ୱବିଦ୍ୟାଳୟ ଛାତ୍ରନେତା ଅନିଲ କୁମାର ଦୋରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଏବିଭିପି ପକ୍ଷରୁ ଖୋଲିଥିବା ସହାୟତା କେନ୍ଦ୍ର ।

# ମହିଳା କରୋନା ଯୋଦ୍ଧାଙ୍କୁ ଆକ୍ରମଣ

ଗୋପାଳପୁର,୩୧୯

କରୋନା ସମୟରେ ଆଗଧାଡ଼ିରେ ରହି ଯୋଦ୍ଧାମାନେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ସମୟରେ ସେମାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି। ଗୋଳନ୍ଥରା ଥାନା ଜୁଗୁଡ଼ି ଗ୍ରାମରେ ଗୁରୁବାର ଜନୈକ ଅଙ୍ଗନୱାଡ଼ି କର୍ମୀଙ୍କୁ ଜଣେ ବ୍ୟକ୍ତି ରାସ୍ତାରେ ଟଣାଓଟରା ଓ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଏହି ଥାନା ଅନ୍ତର୍ଗତ ଜୁଗୁଡ଼ି ଗ୍ରାମର ଜନୈକ ମହିଳା ଗତ ମାସ ୨୬ ତାରିଖରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଏହି ଗ୍ରାମର ଅଙ୍ଗନୱାଡ଼ି କର୍ମୀ ବାସନ୍ତୀ ରାଉଳ ସେହି ମହିଳାଙ୍କ ଘର ସମ୍ମୁଖରେ କରୋନା ସମ୍ପର୍କିତ ରେଡ୍ ପୋଷ୍ଟର ମାରିଥିଲେ। ଗୁରୁବାର ସକାଳେ ବାସନ୍ତୀ କୌଣସି କାମରେ ସେହି ବାଟ ଦେଇ ଯାଉଥିବା ବେଳେ ପଜିଟିଭ୍ ଚିହ୍ନଟ ମହିଳାଙ୍କ ପୁଅ ସେହି ଗ୍ରାମ ଖଣ୍ଡିଆ ସାହି ନିକଟରେ ତାଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ, ଟଣାଓଟରା କରିବା ସହ ନିସ୍ତୁକ ମାଡ଼ ମାରି ରକ୍ତାକ୍ତ କରି ଧମକ ଦେଇ ଫେରାର ହୋଇ ଯାଇଥିଲେ। ଏନେଇ ବାସନ୍ତୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆହତ ବାସନ୍ତୀଙ୍କୁ ଗିରିସୋଲା ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ନଂ. ୨୩୬/୨୦ରେ ମାମଲା ରୁଜୁ କରାଯାଇଛି।

# କର୍ମ ନିଯୁକ୍ତି, ପୁଷ୍ଟିକର ଖାଦ୍ୟ ଯୋଗାଣ ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ପାରଳାଖେମୁଣ୍ଡି, ୩୧୯ (ସ୍ୱ.ପ୍ର.)

**'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ**

ଗଜପତି ଜିଲା ଗୋଷାଣୀ ପଞ୍ଚାୟତ ସଦର ମହକୁମା ଗୋଷାଣୀ, କଇଠଡା ଏବଂ ଜଙ୍ଗଲପାଡୁ ଗ୍ରାମରେ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଓଡିଶା ଜୀବିକା ମିଶନର ସହଯୋଗରେ 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଛି। ଅଳ୍ପ ଜାଗାରେ ବହୁ ଗଛ ଲଗାଇ ଅଧିକ ପୃଷ୍ଟିକର ଖାଦ୍ୟ ଅମଳ, କରୋନାରେ ବାହାର ରାଜ୍ୟରୁ ଆସିଥିବା ପ୍ରବାସୀଙ୍କୁ କର୍ମ ନିଯୁକ୍ତି ଯୋଗାଇବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଗର୍ଭବତୀଙ୍କୁ ଯେଉଁ ପୁଷ୍ଟିକର ଖାଦ୍ୟ ନିହାତି ଦରକାର ହୋଇଥାଏ ସେମାନେ ନିଜ ବଗିଚାରୁ ପାଇପାରିବେ। କମ ଜମିଥିଲେ ଗୋଲାକାର ଏବଂ ଅଧିକା ଜମିଥିଲେ ଆୟତକାରରେ ଚାଷ କରାଯାଏ। ପୁଷ୍ଟିକର ଖାଦ୍ୟ ଯଥା ସଜନା, ଲେମ୍ବୁ, କଦଳୀ, ଅମୃତଭଣ୍ଡା ପ୍ରକାର ଚାରା ରୋପଣ କରାଯିବ। ଏହି ସବୁ ଚାରା ପାରଳାଖେମୁଣ୍ଡି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରୁ ଅଣାଯିବ। ଏହି ପ୍ରଦର୍ଶନ କାର୍ଯ୍ୟକ୍ରମରେ ଗୋଷାଣୀ ବ୍ଲକ ଜୀବିକା ମିଶନର ମମତା ରାଉଳ, ଏ.ପି.ଓ. ଗୀତା ରାଣୀ ସେଠୀ, ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସହକାରୀ ଅଧିକାରୀ ରଜତ କୁମାର ଦାସ, ଟ୍ରେନର ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋଷାଣୀ ପଞ୍ଚାୟତ ଏମ୍.ବି.କେ. ସୁଶ୍ରୀ ଜେନା, ବି.ଲତା କୁମାରୀ, ସବାଷିନୀ ମେଦି, ସୁକାନ୍ତି ଶବର, ଆରତି ଜେନା, ଗାୟତ୍ରୀ ସାମଲ, ସୋହିଲି ଦଳାଇ, ହେମଲତା ପାତ୍ର, ସୁମନ ପାତ୍ର, ହେମାନାଳିନି ପାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ୱାର୍ଡ ସଭ୍ୟା ସନ୍ତୋଷୀ ନାୟକ ଧନ୍ୟବାଦ ଦେଇଥିଲେ।

## କୃଷି କାର୍ଯ୍ୟାଳୟରେ ତଦନ୍ତକାରୀ ଅଧିକାରୀ

କବିସୂର୍ଯ୍ୟନଗର,୩୧୯

ଚାଷୀ ରୁଆ, ବେଉଷଣ କାମ ସାରି ସାର, ବିହନ ଓ ଋଣ ପାଇଁ ସମବାୟ ବ୍ୟାଙ୍କକୁ ଅନାଇ ବସିଛି। ଏଥିଲାଗି ଗତ ଦିନରେ କବିସୂର୍ଯ୍ୟ ବଳଦେବ ଚାଷୀ ଓ କୃଷକ ସଂଘ ବୈଠକ ବସି ଜିଲାପାଳଙ୍କ ସମେତ ବିଭିନ୍ନ କୃଷି ଅଧିକାରୀଙ୍କୁ ଦାବି ଜଣାଇଥିଲେ। ବ୍ରହ୍ମପୁର ଜିଲା ସମବାୟ ଉପନିବନ୍ଧକ ବିଶ୍ୱ ରଞ୍ଜନ ଦାସ ଓ ଛତ୍ରପୁର ସହକାରୀ ସମବାୟ ଉପନିବନ୍ଧକ (ଏଆରସିଏସ୍) ସୁକାନ୍ତ କୁମାର ପାଢ଼ୀ କବିସୂର୍ଯ୍ୟନଗର ସମବାୟ ସମିତି ଓ କୃଷି କାର୍ଯ୍ୟାଳୟରେ ଗୁରୁବାର ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ଚାଷୀଙ୍କ ଅଭିଯୋଗ ଶୁଣିଥିଲେ। ଚାଷୀଙ୍କ ମୁଖ୍ୟ ଦାବି ସାର, ଋଣ, ବିହନ, କୃଷି ଯନ୍ତ୍ରପାତି ଉଚିତ ସମୟରେ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଚାଷୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ପାଦିକା ଇ.ମାହେଶ୍ୱରୀ ଦୋରା, ହୀନ ଖୁଣ୍ଟିଆ, ଜି.ଶମ୍ଭୁଲିଙ୍ଗମ୍ ଆଚାରୀ (ଉପଦେଷ୍ଟା), ତୀର୍ଥ ନାହାକ ଓ ବିପ୍ର ଜେନା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଦାବି ମୁତାବକ ପଦକ୍ଷେପ ନ ନେଇ ଆସନ୍ତା ୧୩ ତାରିଖରେ କୃଷି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ପାତ୍ରପୁର,୩୧୯(ଡି.ଏନ.ଏ.):

ଆଦିବାସୀ ଇଲାକାର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଜରଡ଼ା ଥାନା ପୋଲିସ ଗିରଫ କରିଛି । ତାଙ୍କ ଘର ତୁମ୍ବା ଫାଣ୍ଡି ଅନ୍ତର୍ଗତ ଭାଲିଆସାହି ଗ୍ରାମରେ। ୯ ମାସ ପୂର୍ବେ କେହି ନ ଥିବାର ସୁଯୋଗ ନେଇ ଯୁବତୀଙ୍କୁ ସେ ବଳାତ୍କାର କରିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବାରୁ ଅଭିଯୁକ୍ତ ତାଙ୍କୁ ବିବାହ ପାଇଁ ମନା କରି ଦେଇଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୮୫/୨୦ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । କୋଭିଡ୍ ଟେଷ୍ଟ ସହ ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

## ଟେକ୍ସଟାଇଲ ପାର୍କ ଲାଗି ରାଜ୍ୟପାଳଙ୍କୁ ସ୍ମାରକପତ୍ର

କବିସୂର୍ଯ୍ୟନଗର,୩୧୯

କବିସୂର୍ଯ୍ୟନଗର ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଗଞ୍ଜାମ ଜିଲାରେ ଟେକ୍ସଟାଇଲ ପାର୍କ ନିର୍ମାଣ ଲାଗି ପ୍ରବାସୀ ଶ୍ରମିକମାନେ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରାକୃତିକ ସମ୍ପଦରେ ଭରପୂର ଗଞ୍ଜାମ ଜିଲାର ୪ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ କାମଧନ୍ଦା ଲାଗି ସୁରତ, ମୁମ୍ବାଇ ଆଦି ବୟନ ଶିଳ୍ପରେ କାର୍ଯ୍ୟରତ। ଦାଦନ ସମସ୍ୟାର ସମାଧାନ, ଜିଲାରେ ରୋଜଗାର ସୃଷ୍ଟି ଲାଗି ବୟନ ଶିଳ୍ପର ପୁନରୁଦ୍ଧାର ଆବଶ୍ୟକ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଶ୍ରୀକାନ୍ତ ପାଢ଼ୀ, ପ୍ରଶାନ୍ତ ପାଣିଗ୍ରାହୀ, ଅରୁଣ ପାଠୀ, ସନ୍ତୋଷ ପାତ୍ର, ବାବୁଲା ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ସ୍ମାରକପତ୍ର ପ୍ରଦାନ।

## ୧.୨୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

ଫୁଲବାଣୀ ଅଫିସ, ୩୧୯

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ପୋଲିସ ପୃଥକ ଦୁଇଟି ସ୍ଥାନରେ ଚଢ଼ାଉ କରି ୧ କୁଇଣ୍ଟାଲ ୨୨ କେଜି ଗଞ୍ଜେଇ ଜବତ କରିଛି। ମୋଟ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ସୁଡ୍ରା ଅଞ୍ଚଳରୁ ଏକ ଅଟୋରେ ଗଞ୍ଜେଇ ବୋଝେଇ ହୋଇ ଲଙ୍କାଗଡ଼ ଦେଇ ଅନୁଗୋଳ ଚାଲାଣ ହେଉଥିବା ସମ୍ପର୍କରେ ବାଲିଗୁଡ଼ା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ବିଶେଷ ସୂତ୍ରରୁ ଖବର ପାଇଥିଲେ। ଯୋଜନା ଅନୁସାରେ ଏସଡ଼ିପିଓ ମନୋଜ କୁମାର ପୂଜାରୀଙ୍କ ନେତୃତ୍ୱରେ ଏକ ଟିମ ସୁଡ୍ରା ଅଞ୍ଚଳରେ ଚଢାଉ କରି ଅଟୋକୁ ଯାଞ୍ଚ କରିଥିଲା। ସେଥିରୁ ୧୦୪ କେଜି ଗଞ୍ଜେଇ ମିଳିଥିଲା । ଏହି ଘଟଣାରେ ୨ ଜଣ ଅନୁଗୋଳ ଜିଲା ଝେଣ୍ଡିପଦାର ଜେମେଶ କୁମାର ସାହୁ ଓ ବାଲିଗୁଡ଼ା ଥାନା ସୁଡ୍ରାର ସୁବାସ ମଲ୍ଲିକଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବାରଖମାର କମ୍ବେରିକିଆ ଠାରେ ପୋଲିସ ଚଢାଉ କରି ଦୁଇଟି ବାଇକ୍‌ରୁ ୧୭ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ଏଥିରେ ସାମିଲ ଥିବା ଘୋଡାବାଲି ଗ୍ରାମର ଉହାଟୁ ବାଘ, ଫୁଲମାଳିଆ କୁମ୍ଭାର ଓ ଲଣ୍ଡାଗାଁର ଗୋକୁଳ ରଣାଙ୍କୁ ଗିରଫ କରାଯାଇଥିଲା।

# ସପ୍ତାହକ ମଧ୍ୟରେ ୩୭୧୪ ଟେଷ୍ଟ, ପଜିଟିଭ ୭

ବୁଗୁଡ଼ା,୩୧୯

**ବୁଗୁଡ଼ା ବ୍ଲକ, ଏନ୍‌ଏସିରେ ଆଣ୍ଟିଜେନ ଟେଷ୍ଟ**

ବୁଗୁଡ଼ା ବ୍ଲକ ଓ ଏନ୍‌ଏସିରେ ଭ୍ରାମ୍ୟମାଣ ମାଧ୍ୟମରେ କିଛିଦିନ ହେଲା କରୋନା ସକାଶେ ଆଣ୍ଟିଜେନ ଟେଷ୍ଟ ଆରମ୍ଭ ହୋଇଛି। ଉକ୍ତ ପରୀକ୍ଷାରୁ କରୋନା ପ୍ରକୋପ କମିବାରେ ଅନୁଭବ ହେଉଥିଲେ ମଧ ଲୋକମାନଙ୍କୁ କୋଭିଡ୍ ନିୟମ ମାନି ଚଳିବାକୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ବ୍ଲକର ବିଭିନ୍ନ ଗ୍ରାମରେ ବିଡିଓ ତନ୍ମୟ ପାତ୍ରଙ୍କ ତତ୍ତ୍ୱାବଧାନରେ ଏବଂ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଓଏସ୍‌ଡି ବିଶ୍ୱରଞ୍ଜନ କଅଁରଙ୍କ ତତ୍ତ୍ୱାବଧାନରେ ଆଣ୍ଟିଜେନ ଟେଷ୍ଟ ଚାଲିଛି। ହେଲେ ବୁଧବାର ସୁଦ୍ଧା ଗତ ସପ୍ତାହକ ମଧ୍ୟରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସିରେ ମୋଟ ୩୭୧୪ ଜଣଙ୍କର ଟେଷ୍ଟ ହୋଇଥିବା ବେଳେ ସେଥିରୁ ମାତ୍ର ୭ ଜଣଙ୍କ ପଜିଟିଭ ବାହାରିଥିବା ଜଣାପଡ଼ିଛି। ଅଗଷ୍ଟ ୨୭ରେ ଟେଷ୍ଟ ହୋଇଥିବା ୫୧୨ ମଧ୍ୟରୁ ୩ ଜଣଙ୍କ ପଜିଟିଭ ବାହାରିଥିବା ବେଳେ ୨୮ ତାରିଖରେ ୬୯୬ ଟେଷ୍ଟରୁ ଜଣେ, ୨୯ରେ ୬୨୭ ରୁ ଜଣେ, ୩୦ରେ ୩୮୮ ମଧ୍ୟରୁ ଜଣେ ଓ ୩୧ରେ ୪୦୨ ଟେଷ୍ଟ ମଧ୍ୟରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ସେପ୍ଟେମ୍ବର ୧ରେ ୪୯୫ ଓ ସେପ୍ଟେମ୍ବର ୨ରେ ୫୯୮ ଜଣଙ୍କର ଟେଷ୍ଟ ହୋଇଥିଲେ ମଧ ୨ ଦିନରେ କୌଣସି ପଜିଟିଭ ବାହାରି ନ ଥିବା ଆଶ୍ୱସ୍ତର ବିଷୟ ହୋଇଛି।

ପ୍ରିୟ OLA ପାର୍ଟନର !
ଆପଣ ନିଜ ଅଟୋକୁ OLA ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ 033-40836591 । ମାତ୍ର ଗୋଟେ ହିଁ କଲ୍‌ରେ ଆପଣ Online ହୋଇ ରୋଜଗାର ଆରମ୍ଭ କରି ପାରିବେ ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ।
ଧନ୍ୟବାଦ
OLA ଭୁବନେଶ୍ୱର

OFFICE OF THE PANCHAYAT SAMITI, RAIKIA, ODISHA

ବିଜ୍ଞାପନ ସଂଖ୍ୟା: ୧୭୦୯ ତାରିଖ: ୩୧।୦୮।୨୦୨୦

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳର ଅଧିକରୁ ଅଧିକ ମାତ୍ରାରେ ମହିଳାମାନଙ୍କ କାର୍ଯ୍ୟରେ ଯୋଗଦାନ ନିମନ୍ତେ ଓଡ଼ିଶା ସରକାର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗଙ୍କ ପତ୍ର ସଂଖ୍ୟା ୧୩୦୬୫ ତାରିଖ ୧୯।୦୮।୨୦୨୦ ଏବଂ ପତ୍ର ସଂଖ୍ୟା ୧୩୩୪୧ ତାରିଖ ୨୫।୦୮।୨୦୨୦ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳଙ୍କ ପରିପତ୍ର ସଂଖ୍ୟା ୩୦୮୭ ତାରିଖ ୨୦।୦୮।୨୦୨୦ ଅନୁସାରେ ରାଇକିଆ ପଞ୍ଚାୟତ ସମିତିର ସମସ୍ତ ରାଜସ୍ୱ ଗ୍ରାମରେ ଅତିରିକ୍ତ ମହିଳା ମେଟ୍ (Woman Mate) ନିମନ୍ତେ ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥିନୀମାନେ ନିଜ ନିଜ ଗ୍ରାମପଞ୍ଚାୟତ ସ୍ତରରେ ଦରଖାସ୍ତ ଦାଖଲ କରିପାରିବେ।

ଦରଖାସ୍ତ ଗ୍ରହଣ ଆରମ୍ଭ ତାରିଖ : ୦୧।୦୯।୨୦୨୦
ଦରଖାସ୍ତ ଶେଷ ତାରିଖ : ୧୦।୦୯।୨୦୨୦
ମହିଳା ମେଟ୍ ଚୟନ ଶେଷ ତାରିଖ : ୨୫।୦୯।୨୦୨୦ (ଗ୍ରାମ ପଞ୍ଚାୟତ ସ୍ତରରେ)

**ମହିଳା ମେଟ ନିମନ୍ତେ ଯୋଗ୍ୟତା:**
୧. ପ୍ରାର୍ଥିନୀ ସେହି ରାଜସ୍ୱ ଗ୍ରାମର ହୋଇଥିବେ।
୨. ପ୍ରାର୍ଥିନୀ ସର୍ବନିମ୍ନ ପଞ୍ଚମ ପାସ୍ ହୋଇଥିବେ।
୩. ପ୍ରାର୍ଥିନୀଙ୍କ ବୟସ ସର୍ବନିମ୍ନ ୧୮ରୁ ୩୫ ବର୍ଷ ହୋଇଥିବ।
୪. ପ୍ରାର୍ଥିନୀଙ୍କ ସ୍ୱାମୀ ଉକ୍ତ ରାଜସ୍ୱ ଗ୍ରାମରେ ମେଟ୍ ପଦବୀରେ ରହି କାର୍ଯ୍ୟ କରୁ ନ ଥିବେ।

**ଚୟନ ପ୍ରକ୍ରିୟା ଏବଂ ପ୍ରାପ୍ୟ:** ସମସ୍ତ ଦରଖାସ୍ତକୁ ତର୍ଜମା କରି ପଲ୍ଲିସଭା ମାଧ୍ୟମରେ ଅତିରିକ୍ତ ଦୁଇଜଣ (୦୨) ମହିଳା ମେଟ୍ ଚୟନ କରାଯିବ। ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ ଏବଂ କର୍ମଚାରୀ ପାଣ୍ଠିନିଧି ଦ୍ୱାରା ଘୋଷିତ ଅର୍ଦ୍ଧକୁଶଳୀ ମଜୁରି କିମ୍ବା କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ନିର୍ଦ୍ଧାରିତ ଦୈନିକ ଅଣକୁଶଳୀ ମଜୁରି ଉଭୟ ମଧ୍ୟରୁ ଯେଉଁ ମଜୁରି ଅଧିକ ତାହା ସେ ପ୍ରାପ୍ୟ କରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଅଗ୍ରାଧିକାରି ପ୍ରଦାନ କରାଯିବ। ଏହି ନିମନ୍ତେ ପଞ୍ଚାୟତ ତରଫରୁ ୧୦ ଦିନ ପୂର୍ବରୁ ପଲ୍ଲିସଭା ତାରିଖ ଘୋଷଣା କରାଯିବ। ସମ୍ଭାବ୍ୟ ମହିଳା ମେଟ୍ ଚୟନ ଶେଷ ତାରିଖ ୨୫।୦୯।୨୦୨୦।

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ରାଇକିଆ

## ସଂକ୍ଷେପରେ

### ଗଜପତିରୁ ୯ କରୋନା ପଜିଟିଭ

ପାରଳାଖେମୁଣ୍ଡି,୩।୯ (ସ୍ୱ.ପ୍ର.) ଗଜପତି ଜିଲାରୁ ଗୁରୁବାର ୨ଜଣ କୋଭିଡ୍ ଯୋଦ୍ଧାଙ୍କ ସମେତ ୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୯୧୦ରେ ପହଞ୍ଚିଛି। ଏହି ୯ଜଣଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୫, ଗୋଷାଣୀ ଓ ନୂଆଗଡ଼ ବ୍ଲକରୁ ୧ଜଣ ଲେଖାଏ ଏବଂ ମୋହନା ବ୍ଲକରୁ ୨ଜଣ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କୁ କୋଭିଡ୍ ଡାକ୍ତରଖାନା ଓ କଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### ବିଦ୍ୟୁତ ଆଘାତରେ ମହିଳା ମୃତ

ଗୋଷାଣୀ,୩।୯(ଡି.ଏନ୍.ଏ.): ଗଜପତି ଜିଲା ଗୁରାଣ୍ଡି ଥାନା ଅଧୀନ ତାଟିପେଟି ଗ୍ରାମରେ ଗୁରୁବାର ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର ଆର୍. ଭାସ୍କରଙ୍କ ସ୍ତ୍ରୀ ଆର୍. ସରସ୍ୱତୀ(୪୦)। ସୂଚନା ଅନୁଯାୟୀ, ସରସ୍ୱତୀ କୌଣସି କାରଣରୁ ଗାଁ ଦାଣ୍ଡ ତଥା ଘର ନିକଟରେ ରହିଥିବା ଏକ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ ସଂସ୍ପର୍ଶରେ ଆସିଥିଲେ। ଏଥିରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେ ଅଚେତହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୁରାଣ୍ଡି ଥାନାରେ ୬/୨୦ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ନିମିନା, କେନ୍ଦୁପଦରରୁ କଣ୍ଟେନମେଣ୍ଟ ହଟିଲା

ଆସିକା,୩।୯(ଡି.ଏନ୍.ଏ.)- ଆସିକା ବ୍ଲକ ନିମିନା ପଞ୍ଚାୟତ ଅନ୍ତର୍ଗତ ନିମିନା ଗ୍ରାମ ଓ କେନ୍ଦୁପଦର ପଞ୍ଚାୟତର କେନ୍ଦୁପଦର ଗ୍ରାମରୁ କଣ୍ଟେନମେଣ୍ଟ ଜୋନ୍ ହଟାଯାଇଛି। ବୁଧବାର ଜିଲାପାଳଙ୍କ ପକ୍ଷରୁ ଏହି ଆଦେଶ ଜାରି କରାଯାଇଥିବା ବେଳେ ଗୁରୁବାର ସମ୍ପୃକ୍ତ ପଞ୍ଚାୟତରେ ବ୍ଲକ ତରଫରୁ ସୂଚନା ଦିଆଯାଇଥିବା ବିଡିଓ ରୋଶନ ଶତପଥୀ କହିଛନ୍ତି। ତେବେ ଆଉ ୧ ସପ୍ତାହ ପର୍ଯ୍ୟନ୍ତ ବିଧିବଦ୍ଧ ସମ୍ପୃକ୍ତ ଅଞ୍ଚଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯିବା ସହ କୋଭିଡ ନିୟମ କଡାକଡି ପାଳନ ଲାଗି ନିର୍ଦ୍ଦେଶ ହୋଇଛି। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ନିମିନା ଗ୍ରାମକୁ ଗତ ଜୁଲାଇ ୮ରୁ ଏବଂ କେନ୍ଦୁପଦର ଗ୍ରାମକୁ ଅଗଷ୍ଟ ୧୭ ତାରିଖରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିଲା।

### କନ୍ଧମାଳରେ ସଂକ୍ରମିତଙ୍କ ସଂଖ୍ୟା ୨୩୦୧

ଫୁଲବାଣୀ ଅଫିସ, ୩।୯-କନ୍ଧମାଳ ଜିଲାରେ ଗୁରୁବାର ଆଉ ୪୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୩୦୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୧ଜଣ ମହିଳା ଓ ୧୩ ଜଣ ପୁରୁଷ ଅଛନ୍ତି। ସେମାନଙ୍କ ମଧ୍ୟରୁ ଫୁଲବାଣୀରୁ ୮, ଜି.ଉଦୟଗିରି ୮, ଦାରିଙ୍ଗିବାଡ଼ି ୬, କ.ନୂଆଗାଁ ୨, ଟିକାବାଲି ୨ଜଣ, କୋଟଗଡ଼ରୁ ୪, ଚକାପାଦ ୩, ରାଇକିଆ ୧, ବାଲିଗୁଡା ୪, ଅନ୍ୟସ୍ଥାନରେ ୨ ଜଣ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୨ ଜଣଙ୍କର ମୃତ୍ୟୁ ହେଲାଣି।

### ତହସିଲଦାରଙ୍କୁ ଠେଲାପେଲା ଘଟଣାରେ ପୁଣି ଜଣେ ଗିରଫ

ବୁଗୁଡ଼ା,୩।୯(ଡି.ଏନ.ଏ)-ବୁଗୁଡ଼ା ଥାନା ଷୋଳମଇଲିରେ ସାର ପାଇବା ପାଇଁ ଚାଷୀମାନଙ୍କର ରାସ୍ତାରୋକୋ ଆନ୍ଦୋଳନକୁ କେନ୍ଦ୍ରକରି ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ଠେଲାପେଲା ସହ ସାର୍ଟ ଚିରିବା ଘଟଣାରେ ବୁଗୁଡ଼ା ପୋଲିସ ଗୁରୁବାର ପୁଣି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ହେଲେ ବୁଗୁଡ଼ା ଥାନା ରାମଣ୍ଡା ଗ୍ରାମର ରାକେଶ କୁମାର ଦଳେଇ (୨୦)। ଏନେଇ ନଂ.୨୫୦/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ବୁଧବାର ବୁଗୁଡ଼ା ପୋଲିସ ୮ ଜଣଙ୍କୁ ଗିରଫ କରିଥିଲା। ଫଳରେ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି।

### ଜୁଆଆଡ୍ଡାରେ ଚଢାଉ ୬ ଗିରଫ

ଆସିକା,୩।୯(ଡି.ଏନ୍.ଏ.)- ଗାଙ୍ଗପୁର ଥାନା ଅନ୍ତର୍ଗତ ଖଇରପୁଟୀ ଗ୍ରାମ ପୋଖରୀ ହିଡରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ବୁଧବାର ରାତିରେ ପୋଲିସ ଚଢାଉ କରି ୧୦ହଜାର ୩ଶହ ଟଙ୍କା ଜବତ କରିଛି। ସେଠାରୁ ୬ ଜୁଆଡିଙ୍କୁ ଗିରଫ କରାଯାଇଛି। ଏ ନେଇ ଗାଙ୍ଗପୁର ଥାନାରେ ୨୫୦/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି।

# ୨୬ରୁ ବ୍ରହ୍ମପୁର, ୨୧ରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରୀକ୍ଷା

**■ଅନ୍‌ଲାଇନ୍‌ରେ ପରୀକ୍ଷା କରିବ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**■ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କରିବ ଅଫ୍ ଲାଇନ୍ ପରୀକ୍ଷା**

ବ୍ରହ୍ମପୁର ଅଫିସ,୩।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ତଥା ଏହା ଅଧୀନସ୍ଥ ମହାବିଦ୍ୟାଳୟରେ ଅଧ୍ୟୟନରତ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଶେଷ ସେମିଷ୍ଟର ପରୀକ୍ଷା ସେପ୍ଟେମ୍ବର ଶେଷ ସପ୍ତାହରେ ହେବ। ସେପ୍ଟେମ୍ବର ୨୬ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବା ନେଇ ଗୁରୁବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଏହି ପରୀକ୍ଷା ଅନ୍‌ଲାଇନ୍ ଦ୍ୱାରା କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ଏହାବ୍ୟତୀତ ଅକ୍ଟୋବର ୧୦ ମଧ୍ୟରେ ପରୀକ୍ଷା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଅକ୍ଟୋବର ୩୧ ସୁଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ଯୋଜନା କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସେହିପରି ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଆସନ୍ତା ସେପ୍ଟେମ୍ବର ୨୧ରୁ ଉଭୟ ସ୍ନାତକ ଓ ସ୍ନତକୋତ୍ତର ପରୀକ୍ଷା କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶଶୀଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଆଦିରେ ଅଧ୍ୟୟତରତ ଛାତ୍ରୀଛାତ୍ରମାନେ ନିଜସ୍ୱ ମହାବିଦ୍ୟାଳୟ ହିଁ ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେବେ ବୋଲି କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚାଯାଇଛି ।

# ରାଶନ କାର୍ଡ ଦାବି କଲେ ମହିଳା



ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ମହିଳାମାନେ।

ଗଞ୍ଜାମ,୩।୯(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ଲୁଂଘୁରି ଗ୍ରାମର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ମହିଳା ରାଶନ କାର୍ଡ ଦାବି ନେଇ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ସେମାନେ ଏହି ଦାବି ନେଇ ବ୍ଲକ ଅଫିସ ଆସୁଥିବା ଅଭିଯୋଗ କରିଛନ୍ତି। ରାଶନ କାର୍ଡ ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ ଏହା ପ୍ରଦାନ କରାଯାଉନି ବୋଲି କହିଛନ୍ତି। ଏ ସମ୍ପର୍କରେ ବିଡିଓ ବିଶ୍ୱଜିତ ରାୟଙ୍କୁ ପଚାରିବାରେ ସେ ନୂଆ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଯଦି କେହି ଯୋଗ୍ୟ ହୋଇ ବି ରାଶନ କାର୍ଡ ପାଇ ନାହାନ୍ତି, ମାସକ ମଧ୍ୟରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

### ୨ କରୋନା ଯୋଦ୍ଧା ପ୍ଲାଜ୍‌ମା ଦାନ କଲେ

ଛତ୍ରପୁର,୩।୯(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ପୁଣି ୨ କରୋନା ଯୋଦ୍ଧା ଗୁରୁବାର ପ୍ଲାଜ୍‌ମା ଦାନ କରିଛନ୍ତି। ଆସିକା ବ୍ଲକର ଆରଡ଼ବ୍ଲ୍ୟୁଏସଏସ ଜେଇ ଶ୍ରୀନିବାସ ରାଓ ଓ ଧରାକୋଟ ଥାନା ଏସ୍ଆଇ କୁମୁଦ ଚନ୍ଦ୍ର ସେଠୀ ଏମକେସିଜି ମେଡିକାଲସ୍ଥିତ ପ୍ଲାଜ୍‌ମା ବ୍ୟାଙ୍କରେ ପ୍ଲାଜମା ଦାନ କରିଛନ୍ତି। ଏହି ଦୁଇ ଯୋଦ୍ଧା କାର୍ଯ୍ୟ କରୁଥିବା ବେଳେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିଲେ। ସୁସ୍ଥ ହେବା ପରେ ଆରଡ଼ବ୍ଲ୍ୟୁଏସଏସ ଜେଇ ପ୍ଲାଜ୍‌ମା ଦାନ କରିଥିବା ନେଇ ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। ମାନବଜାତି ପାଇଁ ତାଙ୍କର ଉତ୍ସର୍ଗୀକୃତ ସେବାକୁ ଜିଲ୍ଲାପାଳ ସାଲ୍ୟୁଟ ଜଣାଇଛନ୍ତି। ସେହିପରି ଏସ୍ଆଇ ସେଠୀ ପ୍ଲାଜମା ଦାନ କରିଥିବା ସମ୍ପର୍କରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ କରି ସୂଚନା ଦେଇଛନ୍ତି।

# ଚାଷୀଙ୍କୁ ମିଳୁନି ସାର, ସଙ୍କଟରେ ଚାଷୀକୁଳ



**ଜିଲାପାଳଙ୍କ ନିକଟରେ ଅଭିଯୋଗ**

ପୋଲସରା,୩।୯(ଡି.ଏନ.ଏ)

ଗଞ୍ଜାମ ଜିଲା ପୋଲସରା ଅଞ୍ଚଳରେ ୟୁରିଆର ଘୋର ଅଭାବ ଦେଖାଦେଇଛି। ଚାଷୀଙ୍କୁ ମିଳୁନି ସାର। ସଙ୍କଟରେ ରହିଛନ୍ତି ଚାଷୀକୂଳ। ସାର ଯୋଗାଇବା ପାଇଁ ରହିଛି ୧୬ସେବା ସମବାୟ ସମିତି। କିନ୍ତୁ ସମବାୟ ସମିତିକୁ ଠିକ୍ ଭାବେ ଆସୁନି ସାର। କଳାବଜାରୀମାନଙ୍କ ନିକଟକୁ ଆସୁଛି ସାର। ବିକୁଛନ୍ତି ୫୫୦ରୁ ୫୮୦ ଟଙ୍କା ପର୍ଯ୍ୟନ୍ତ। ବାଧ୍ୟହୋଇ ଚାଷୀ କିଣୁଛନ୍ତି। ପ୍ରଶାସନିକ ଅଧିକାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ କଳାବଜାରୀମାନେ ମୁନାଫା ଉଠାଉଛନ୍ତି ବୋଲି ଚାଷୀ ସମୂହ ଅଭିଯୋଗ କରିଥିଲେ। ଗୁରୁବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଢେ଼ଙ୍ଗାପଦର ଗ୍ରାମର ସନ୍ତୋଷ ମଲିକଙ୍କ ସମେତ ବହୁ ଜନ ପ୍ରତିନିଧି ଓ ଚାଷୀ ସାର ଠିକ୍ ଭାବେ ମିଳିବ ତାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାକୁ କମ ପରିମାଣର ସାର ଆସୁଥିବା କଥା ଜିଲାପାଳ କହିଥିଲେ। ଆଗାମୀ ଦିନରେ ଚାଷୀଙ୍କୁ ଠିକ୍ ଭାବେ ସାର ନ ମିଳିଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

# ପ୍ରଣବଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ ।

ପାରଳାଖେମୁଣ୍ଡି, ୩।୯ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ପ୍ରଣବ ମୁଖାର୍ଜୀଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଆୟୋଜିତ ହୋଇଛି। ସ୍ୱର୍ଗୀୟ ମୁଖାର୍ଜୀ ଜଣେ ମହାନ ଜନନାୟକ ଥିଲେ। ତାଙ୍କ ତ୍ୟାଗ, ଆଦର୍ଶ ଓ ପ୍ରତିଭା ବଳରେ ଦେଶକୁ ସବୁ କ୍ଷେତ୍ରରେ ଆଗେଇ ନେଉଥିଲେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ପାରଳାଖେମୁଣ୍ଡି ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ ଅଧିକାରୀ, ବରିଷ୍ଠ କଂଗ୍ରେସ ନେତା ଈଶ୍ୱର ମାଝି, ବାବୁଲି ସାହୁଙ୍କ ସହ ବହୁ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଯୁବ କଂଗ୍ରେସର ଦାବିପତ୍ର

ଫୁଲବାଣୀ ଅଫିସ, ୩।୯

ସହରରେ କାଠ ମିଳୁନାହିଁ । ମୃତଦେହ ସତ୍କାର ବେଳେ ଆତ୍ମିୟବର୍ଗ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏହାର ସମାଧାନ ପାଇଁ ସହରରେ ଏକ ବୈଦ୍ୟୁତିକ ଶବଦାହ ଚୁଲା ପ୍ରତିଷ୍ଠା ସହ ଅନ୍ୟାନ୍ୟ ଦାବି ନେଇ ଏକ ସ୍ମାରକପତ୍ର କନ୍ଧମାଳ ଜିଲା ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

ସହର ମଧ୍ୟ ଦେଇ ଯାଇଥିବା ପିଲା ସାଲୁଙ୍କି ନଦୀର ଜଳ ସହରବାସୀ ବ୍ୟବହାର କରୁଛନ୍ତି । ହେଲେ ସମସ୍ତ ନାଳ ନର୍ଦ୍ଦମାର ପାଣି ଏହି ନଦୀରେ ପଡି ଏହାକୁ ଦୂଷିତ କରୁଛି । ତେଣୁ ନର୍ଦ୍ଦମା ଜଳ କିପରି ନଦୀରେ ନ ମିଶିବ ତାହାର ସ୍ଥାୟୀ ସମାଧାନ କରିବା ଦରକାର । ଏଥିସହ ସହର ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇବା ଅପରିହାର୍ଯ୍ୟ ହୋଇପଡିଛି। ଏସବୁର ସ୍ଥାୟୀ ସମାଧାନ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଯୁବ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । କଂଗ୍ରେସ କର୍ମକର୍ତ୍ତାମାନେ କୋଭିଡ ନିୟମ ପାଳନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚିଥିଲେ। ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ, ଚନ୍ଦ୍ର ଶେଖର ପଣ୍ଡା, ସୂର୍ଯ୍ୟକାନ୍ତ ଦାସ, ବଳଦେବ ବେହେରା, ଶିବଶଙ୍କର ବେହେରା, ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଆସିକା,୩।୯(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ପଞ୍ଚାୟତ କାର୍ଯ୍ୟାଳୟରୁ ବୁଧବାର ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ତାଲା ଭାଙ୍ଗି କାର୍ଯ୍ୟାଳୟରେ ଲାଗିଥିବା ୬ଟି ଫ୍ୟାନ, ଇନଭରଟର ଓ ପାଣିପମ୍ପ ନେଇଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଧରାକୋଟ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଗାଙ୍ଗପୁର ଥାନାରେ ଅଭିଯୋଗ କରାଯାଇଛି।

# ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ପାରଳାଖେମୁଣ୍ଡି, ୩।୯ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ଗ୍ରୀଡ୍‌କୋ ରୋଡ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଆଦର୍ଶ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ମନୋରଞ୍ଜନ ବଡଘର। ଥାନା ମାମଲା ନଂ. ୨୦୫/୨୦ରେ ତାଙ୍କୁ ଗିରଫ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

ପ୍ରକାଶ ଯେ, ବ୍ୟବସାୟୀ ଦୁର୍ଗାମାଧବ ପାଣିଗ୍ରାହୀ ପାଉଁରୁଟି ଫ୍ୟାକ୍ଟ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ । କରୋନା କଟକଣା ଯୋଗୁ ଫ୍ୟାକ୍ଟ୍ରି ବନ୍ଦ ରହିଥିଲା । କଟକଣା କୋହଳ ପରେ ଗତ କିଛିଦିନ ହେଲା ସେ ପୁଣି ଫ୍ୟାକ୍ଟ୍ରି କାମ ଆରମ୍ଭ କରିଥିଲେ । ଉକ୍ତ ଫ୍ୟାକ୍ଟ୍ରିରେ ତାଙ୍କ ଲୋକଙ୍କୁ ରଖିବାପାଇଁ ମନୋରଞ୍ଜନ ଚାପ ପକାଇ ଆସୁଥିଲେ । ଏହାସହ ବଟି ମଧ୍ୟ ମାଗୁଥିଲେ । ବଟି ଦେବା ଦୁର୍ଗାମାଧବଙ୍କ ପକ୍ଷରେ ସମ୍ଭବପର ହେଉନଥିଲା। ଏହି କାରଣରୁ ମନରଞ୍ଜନ ଏବଂ ତାଙ୍କ ସାଥିମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଲୁହାରଡରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ମନୋରଞ୍ଜନଙ୍କ ନାମରେ ଉକ୍ତ ଅଞ୍ଚଳର କିଛି ବ୍ୟବସାୟୀ ମାନେ ମଧ୍ୟ ବଟି ମାଗିବା, ଧମକ ଦେଉଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଥିବା ମଧ୍ୟ ଜଣାପଡିଛି । ଏ ନେଇ ମାମଲା ରୁଜୁ ହୋଇନଥିଲେ ମଧ୍ୟ ଘଟଣାର ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।

# ୭ ଫୁଟର ଅଜଗର ଉଦ୍ଧାର

ଆର.ଉଦୟଗିରି,୩।୯(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଗ୍ରାମ ଚାଞ୍ଚଡ଼ା ସାହି ଗୋପବନ୍ଧୁ ବିଦ୍ୟାପୀଠ ନିକଟସ୍ଥ ତିହ୍ମତ ପାଇକଙ୍କ ଘରୁ ୭ ଫୁଟ ଲମ୍ବର ଅଜଗର ସାପକୁ ଗୁରୁବାର ଉଦ୍ଧାର କରାଯାଇଛି। ତିହ୍ମତଙ୍କ ବାରିପଟ ଶୌଚାଳୟ ନିକଟ ପର୍ବତରୁ ଏକ ୭ ଫୁଟ ଲମ୍ବ ଅଜଗର ଆସି ଶୌଚାଳୟ ପାଖରେ ବୁଧବାର ରାତି ପ୍ରାୟ ୯ଟାରେ ଥିବା ଦେଖି ଘର ଲୋକେ ବନ ବିଭାଗକୁ ଜଣାଇଥିଲେ। ଏହାପରେ ରେଞ୍ଜର ନିଳାଦ୍ରୀ ଭୋଇ, ଫରେଷ୍ଟର ପି. ଭେଙ୍କଟ ରାମଣା ଓ ପାରା ଷ୍ଟାଫ ଆସି ଅଜଗରକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଥିବା ଫରେଷ୍ଟର ରାମଣା କହିଛନ୍ତି।


ଉଦ୍ଧାର ହୋଇଥିବା ଅଜଗର।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଗିରଫ

ପାତ୍ରପୁର, ୩।୯(ଡି.ଏନ.ଏ.): ଜରଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁଶାନ୍ତ ଦାସ। ଗତ ୧୬ ତାରିଖରେ ନାବାଳିକା ଜଣକ ଏକାକୀ ଥିବାର ସୁଯୋଗ ନେଇ ସୁଶାନ୍ତ ଘରେ ପଶି ବଳାତ୍କାର କରିଥିଲେ। ପରେ ସୋସିଆଲ୍ ମିଡିଆରେ ନାବାଳିକାଙ୍କ ଫଟୋ ଭାଇରାଲ୍ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏହା ଜାଣିବା ପରେ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୧୯୧/୨୦ରେ ମାମଲା ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିଛି। ଶୁକ୍ରବାର ଡାକ୍ତରୀ ମାଇନା ପାଇଁ ପଠାଯିବା ସହ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

# ବର୍ଷା କ୍ଷୟକ୍ଷତି ଅନୁଧ୍ୟାନ କଲେ ବିଡିଓ

ଖଜୁରିପଡ଼ା,୩।୯(ଡି.ଏନ୍.ଏ.)


ଅନୁଧ୍ୟାନ କରିବାକୁ ଯାଇଥିବା ବିଡିଓ ଓ ସହକାରୀ ଯନ୍ତ୍ରୀ ।

ଖଜୁରିପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ବିଲାବାଡ଼ି ପଞ୍ଚାୟତର ୫ଟି ଗ୍ରାମରେ ଲଘୁଚାପଜନୀତ ବର୍ଷା କ୍ଷୟକ୍ଷତି ଅନୁଧ୍ୟାନ କରାଯାଇଛି। ବିଡିଓ ରବୀନ୍ଦ୍ରନାଥ କହଁର ଓ ସହକାରୀଯନ୍ତ୍ରୀ ଉମେଶ ଚନ୍ଦ୍ର ସାହୁ ଚାଲି ଚାଲି ପଞ୍ଚାୟତର କାକେନ୍ଦ୍ରୀ, ଚାଟିସହି, ହରିଜନସାହି, ପକଡେଇ, ବିଲାବାଡ଼ି ଗ୍ରାମ ସହ ଏଠାରେ ଥିବା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। କ୍ଷୟକ୍ଷତି ଅନୁଧ୍ୟାନ ବେଳେ ଉଭୟେ ଅଧାରେ ରହିଥିବା ପଞ୍ଚାୟତର ଉନ୍ନୟନ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ତାହା ମଧ୍ୟ ଅନୁଧ୍ୟାନ କରିଥିଲେ। କାକେନ୍ଦ୍ରୀ ଗାଁ ଭିତରେ କଂକ୍ରିଟ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଇଲାକା ପକଡ଼େଇ ଗ୍ରାମ, ଚାଟିସହି ଗ୍ରାମ ସମସ୍ୟା ଦେଖିଥିଲେ। ବିଡିଓ ଓ ସହକାରୀଯନ୍ତ୍ରୀ ଏଭଳି ଅପହଞ୍ଚ ଓ ମାଓ ପ୍ରବଣ ଇଲାକାକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିବାରୁ ଗ୍ରାମବାସୀମାନେ ଧନ୍ୟବାଦ ଜଣାଇଥିଲେ । ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ବିଜୟ କୁମାର ପତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତ୍ରିଲୋଚନ ଖମାରି, ସରପଞ୍ଚ ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବୁଧବାର ବିଡିଓ ଓ ସହକାରୀଯନ୍ତ୍ରୀ ବ୍ଲକର ୩ ପଞ୍ଚାୟତ ଅରାପାଲ୍ଲୁ, ଟିଟ୍ରାପଙ୍ଗା ଓ ବଲସକୁମ୍ପାର ବିର୍ଭିଣ ଗ୍ରାମକୁ ଯାଇ ସମସ୍ତ ନିର୍ମାଣ ଧିନ କାମକୁ ଦେଖିବା ସହିତ ଲଗାଣ ବର୍ଷାର କ୍ଷୟକ୍ଷତ ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

# ବୋରିଗୁମ୍ମା ବ୍ଲକରେ ସ୍ୱଚ୍ଛ ଭାରତ ମିଶନରେ ଦୁର୍ନୀତି

**ପାଇଖାନା ନିର୍ମାଣ ନ ହୋଇ ହେଉଛି ବିଲ୍**

ବୋରିଗୁମ୍ମା,୩।୯ (ଡି.ଏନ.ଏ.)

କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପାଇଖାନା ନିର୍ମାଣ ନ ହୋଇ ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପାଇଖାନା ବିଲ୍ କରି ଅର୍ଥ ହଡପ କରୁଥିବା ଜଣାପଡିଛି। ଏପରିକି ଦୀର୍ଘ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ନାମରେ ମଧ୍ୟ ପାଇଖାନା ନିର୍ମାଣ ହୋଇଥିବା ନେଇ ବିଲ୍ ହେଉଛି। ହିତାଧିକାରୀ ନିଜେ ପାଇଖାନା ନିର୍ମାଣ କରି ଦୀର୍ଘ ବର୍ଷ ହେଲା ଏବାବଦ ଟଙ୍କା ପାଉ ନ ଥିବା ବେଳେ ପାଇଖାନା ନିର୍ମାଣ ନ କରି ଖୁବ୍ ସହଜରେ ଟଙ୍କା ହଡପ ହେଉଛି। ବ୍ଲକର କଣାଗାଁ ପଞ୍ଚାୟତରେ ଏହିଭଳି ଘଟଣା ଦେଖିବାକୁ ମିଳିଛି। କଣାଗାଁ ଗ୍ରାମର ରିତେଶ ବିଶୋୟୀଙ୍କ ସହ କେତେଜଣ ବ୍ୟକ୍ତି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ ସକାଶେ କନିଷ୍ଠ ଯନ୍ତ୍ରୀ କଲ୍ୟାଣୀ ପ୍ରଧାନଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ସେ ରିତେଶଙ୍କୁ କହିଥିଲେ ଯେ, ତୁମ ବାପା ଅଭିମନ୍ୟୁ ବିଶୋୟୀଙ୍କ ନାମରେ ପାଇଖାନା ବିଲ୍ ହୋଇସାରିଛି। ଏଣୁ ତୁମ ନାମରେ ଆଉ କୌଣସି ପାଇଖାନା ନିର୍ମାଣ ହୋଇପାରିବ ନାହିଁ। କଣାଗାଁ ର ଅନେକଙ୍କ ଘରେ ପାଇଖାନା ନାହିଁ। ମାତ୍ର ପାଇଖାନା ନିର୍ମାଣ ନାମରେ ଲକ୍ଷ ଲକ୍ଷ ଟଙ୍କା ହଡପ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ପଦ୍ମନାଭ ବିଶୋୟୀ, ଗୌରୀ ଶଙ୍କର ବିଶୋୟୀ, ପଦ୍ମାବତୀ ବିଶୋୟୀ, ମହେନ୍ଦ୍ର ବିଶୋୟୀ, ରାମନାଥ ବିଶୋୟୀ, ନିରଞ୍ଜନ ବିଶୋୟୀ, ହେମନ୍ତ ବିଶୋୟୀ, ବନ୍ଦିତା ବିଶୋୟୀ, ପ୍ରଦୀପ ବିଶୋୟୀ, ରାଜେନ୍ଦ୍ର ବିଶୋୟୀ, ଗଣେଶ ଚନ୍ଦ୍ର ବିଶୋୟୀ ପ୍ରମୁଖଙ୍କ ଘରେ ପାଇଖାନା ନିର୍ମାଣ ହୋଇ ନ ଥିଲେ ମଧ୍ୟ ସେମାନଙ୍କ ନାମରେ ବିଲ୍ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି କିଛି ବର୍ଷ ତଳେ ମୃତ୍ୟୁବରଣ କରିଥିବା ଲୋକନାଥ ବିଶୋୟୀ ଓ ଫୁଲମତି ବିଶୋୟୀଙ୍କ ନାମରେ ପାଇଖାନା ନିର୍ମାଣ ହୋଇଥିବା ଗ୍ରାମବାସୀ କହିଛନ୍ତି । କେତେଜଣ ହିତାଧିକାରୀ ପାଇଖାନା ନିର୍ମାଣ କରିଥିଲେ ମଧ୍ୟ ବିଲ୍ ଏପର୍ଯ୍ୟନ୍ତ ହୋଇନାହିଁ। ସବିତ ବିଶୋୟୀ ନାମକ ମହିଳାଙ୍କୁ ଚନ୍ଦ୍ର ନାୟକଗୁଡା ଗ୍ରାମରେ ୧୬ଟି ପାଇଖାନା ନିର୍ମାଣ ସକାଶେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଲିଖିତ କାର୍ଯ୍ୟାଦେଶ ଦେଇଥିଲେ। ୨୦୧୮-୧୯ରେ ସବିତ ୧୬ଟି ପାଇଖାନା ନିର୍ମାଣ କରି ବିଲ୍ ଧରି କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ମାତ୍ର ଏପର୍ଯ୍ୟନ୍ତ ମହିଳା ଜଣକ ତାଙ୍କ ଟଙ୍କା ପାଇନାହାନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ କଲ୍ୟାଣୀ ପ୍ରଧାନଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି କହିବାକୁ ମନା କରି ଦେଇଥିଲେ।

